# ଗଙ୍ଗାଜଳ

ଦୁଇବର୍ଷ ତଳେ ଦିନେ ମର୍ଣିଂ ୱାକ୍‌ରୁ ଘରକୁ ଫେରିବା ବାଟରେ ବୋଉ ରାସ୍ତାରେ ପଡିଯାଇଥିଲା । ଡାକ୍ତରଖାନାରେ ଆଡମିସନ୍ କରିବା ପରେ ଜଣାପଡିଲା ଯେ ଅଣ୍ଟାରେ ହାଡ ଭାଙ୍ଗି ଯାଇଛି । ସିଟି ସ୍କାନ୍ ଉତ୍ତାରୁ ଏକଥା ବି ଜଣାପଡିଥିଲା ଯେ ଖୁବ୍ ବିପଦ ଜନକ ନ ହେଲେ ହେଁ ତା ମସ୍ତିଷ୍କରେ ରକ୍ତକ୍ଷରଣ ହୋଇଛି । ବୋଉକୁ ଦୁଇ ମାସ ପୂରା ବେଡ୍ ରେଷ୍ଟ ନେବା ପାଇଁ କହାଯାଇଥିଲା । ତା ସହିତ ଔଷଧ ଏବଂ ଇଞ୍ଜେକସନ୍‌ର ଏକ ଲମ୍ବା ତାଲିକା ଓ ନିର୍ଘଣ୍ଟ ବି ପ୍ରସ୍ତୁତ ହୋଇଥିଲା । ବୋଉକୁ ବୟସ ସେତେବେଳେ ୮୧ ବର୍ଷ । ଏ ବୟସରେ ହାଡ ଆଉ ଯୋଡିହେବାର ସମ୍ଭାବନା ନାହିଁ ବୋଲି ଡାକ୍ତର ସ୍ପଷ୍ଟ କରି ଦେଇଥିଲେ । ତେବେ ୨।୩ ମାସ ପରେ ଅଣ୍ଟାରେ ବେଲ୍ଟ ବାନ୍ଧି ୱାକର୍ ଧରି ସେ ଚାଲିପାରିବ ବୋଲି ସାମାନ୍ୟ ଆଶ୍ୱାସନା ମିଳିଥିଲା । ଅସଲରେ ଏ ସବୁ ଏତେ ସହଜ ନଥିଲା । ତମାମ ଜୀବନ ଖୁବ୍ ସକ୍ରିୟ ରହିଥିବା ବୋଉ ପାଇଁ ବିଛଣାରେ ପଡିରହିବା ଥିଲା ସବୁଠୁ ବଡ ଯନ୍ତ୍ରଣାଦାୟକ ଅନୁଭୂତି । କେଇ ମାସ ପରେ ବୋଉର ବାଁ ହାତ ଆଉ କାମ କଲାନି । ପ୍ରଥମେ ପ୍ରଥମେ ବୋଉ ଆମ ଉପରେ ସାମାନ୍ୟ ଚିଡିଚଡି ହେଉଥିଲା । ସବୁବେଳେ ଡାକୁଥିଲା ମିଲିକୁ, ନହେଲେ ମାଉଁକୁ । ଏଣେ

ବୃତ୍ତିଗତ କାରଣରୁ ମାସରେ ୪।୫ ଦିନରୁ ଅଧିକ ଘରେ ରହିବା ମୋ ପାଇଁ ସମ୍ଭବ ନଥିଲା । ଏମିତି ବିତିଗଲା ବର୍ଷେ । ବର୍ଷକ ପରେ ବୋଉର ଅବସ୍ଥା ସୁଧୁରିନଥିଲା । ନିଜେ ସେ ବିଛଣାରୁ ଉଠି ବସି ପାରୁନଥିଲା । ତେବେ ଏଣିକି ସେ ଆଉ ବିରକ୍ତ ହେଉନଥିଲା । ଅଧିକାଂଶ ସମୟ ଚୁପ୍ ରହୁଥିଲା, ନିଜକୁ ମଝିରେ ମଝିରେ ଗାଳି ଦେଉଥିଲା ଏବଂ ଥରେ ଥରେ ହଠାତ୍ ପ୍ରାର୍ଥନା କରିବା ଆରମ୍ଭ କରିଦେଉଥିଲା । ଦିନେ ସନ୍ଧ୍ୟାରେ ମୁଁ ବୋଉ ରୁମରେ ଅଛି, ବୋଉ କହିଲା- "ବାପାରେ, ମୁଁ ଆଉ କଷ୍ଟ ସହିପାରୁନି । ନିଜ ତ ବିଛଣାରୁ ବି ଉଠି ପାରୁନି । ତୁମ ଉପରେ ଆଉ କେତେଦିନ ବୋଝ ହୋଇ ରହିବି! ମିଲି ମୋ ପାଇଁ ଭାରି ହଇରାଣ ହେଉଛି । " ମୁଁ ବୋଉର ମୁହଁକୁ ଚାହିଁଲି । ବୋଉର ଟିକ୍ ଟିକ୍ ଗୋରା ମୁହଁ ଭାରି କରୁଣ ଦିଶୁଥିଲା । ମୋ ଆଗରେ ଜେଜେ, ବାପା ଓ କକେଇଙ୍କୁ ଆଖିବୁଜିବା ମୁଁ ଦେଖିଛି । ଚାଲିଯିବା ପାଇଁ ଏମାନଙ୍କ ଭିତରୁ କାହା ବି ୧୦।୧୫ ମିନିଟରୁ ଅଧିକ ସମୟ ଲାଗି ନଥିଲା । ସମସ୍ତେ ହୃଦ୍‌ଘାତର ଶିକାର ହୋଇଥିଲେ । ବୋଉ ସେସବୁ କଥା ମନେ ପକାଉଥିଲା ଏବଂ ଈଶ୍ୱର ତାକୁ ଭୋଗିବାକୁ ଯାହା ବଞ୍ଚେଇ ରଖିଛନ୍ତି ବୋଲି ନିଜ ଭାଗ୍ୟକୁ ଦୋଷ ଦେଉଥିଲା । ମୁଁ ବୋଉକୁ ବିଛଣାରୁ ଉଠେଇ ବସେଇଲି, କହିଲି- ବୋଉଲୋ, ତୁ ଭଲ ହେଇଯିବୁ । ପୁଣି ଚଲାବୁଲା କରିବୁ ।

ସେଦିନ ବୋଉ ଖାଲି ତା ନିଜ କଥା କହୁନଥିଲା । ସେ ପ୍ରତିନିଧିତ୍ୱ କରୁଥିଲା ତା ବୟସର ଅନେକ ବୟସ୍କଙ୍କୁ ଯେଉଁମାନେ ହୁଏତ ତାଠୁ ଆହୁରି ଅସହାୟ ସ୍ଥିତିରେ କୌଣସି ପ୍ରକାର ବଞ୍ଚି ରହିଛନ୍ତି । 'ଇକନୋମିଷ୍ଟ' ଇଣ୍ଟେଲିଜେନ୍‌ସ ୟୁନିଟ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ସାମିଲ କରଯାଇଥିଲା ଭାରତ ସମେତ ୪୦ଟି ଦେଶକୁ । ରିପୋର୍ଟ ପ୍ରକାଶ ପାଇଥିଲା ଜୁଲାଇ ୨୦୧୦ରେ । ଏସବୁ ଦେଶରେ ମୃତ୍ୟୁର ମାନ କେମିତି, ଜଣେ କେମିତି ବିତଉଛି ତାର ଶେଷ ଜୀବନ, ଇଚ୍ଛାମୃତ୍ୟୁକୁ ନେଇ ଏସବୁ ଦେଶରେ ଆଇନ୍ କାନୁନ୍ କଣ- ଏ ସଂକ୍ରାନ୍ତରେ ସଂପୃକ୍ତ ରାଷ୍ଟ୍ରର ଆଭିମୁଖ୍ୟ କଣ- ସବୁ ସ୍ଥାନିତ ହୋଇଛି ରିପୋର୍ଟରେ । ଗୁଣାତ୍ମକ ମାନ (ମୋଟ ସ୍କୋର୍) ଭିତ୍ତିରେ ୪୦ଟି ଦେଶର ଯେଉଁ ତାଲିକା ପ୍ରକାଶ ପାଇଛି ସେଥିରେ ସବା ଆଗରେ ଅଛି ଯୁକ୍ତରାଷ୍ଟ୍ର (ସ୍କୋର-୭.୯), ତା ତଳକୁ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ । ଏ ତାଲିକାରେ ସବା ତଳେ ଅଛି ଭାରତ (ସ୍କୋର-୧.୯) । ଭାରତର ସ୍ଥାନ ଚୀନ, ବ୍ରାଜିଲ ଏବଂ ଉଗାଣ୍ଡା ପଛରେ । ରିପୋର୍ଟରେ କହାଯାଇଛି- ଚିକିତ୍ସା କ୍ଷେତ୍ରରେ ନୂତନ ଉପଲବ୍ଧି ଏବଂ ସ୍ୱାସ୍ଥ୍ୟ ସଚେତନତା ଆଦି ଯଦିଓ ଜୀବନର ଗୁଣାତ୍ମକ ମାନକୁ ବଢେଇ ଚାଲିଛି, ସେଇ ଅନୁପାତରେ ଅଧିକାଂଶ ଦେଶରେ ମୃତ୍ୟୁର ଗୁଣାତ୍ମକ ମାନ ବଢିନାହିଁ ।


NOT the solution!

ମୃତ୍ୟୁ ଅନିବାର୍ଯ୍ୟ, ଧ୍ରୁବ, ସତ୍ୟ- ଏକଥା ସମସ୍ତେ ସିନା ଜାଣନ୍ତି କିନ୍ତୁ ଅଧିକାଂଶ ସଂସ୍କୃତିରେ ଜୀବନର ଅନ୍ତିମ ପରିଣାମ ଏବେ ବି ଢେର୍ କୁସଂସ୍କାର, ରକ୍ଷଣଶୀଳତା, ଦ୍ୱିଧା ଏବଂ ଦାୟିତ୍ୱହୀନତା ଘେରରେ ବନ୍ଦୀ ।

ୱାର୍ଲଡ ୱାଇଡ୍ ପାଲିଏଟିଭ୍ କେୟାର ଆଲାଏନ୍‌ସର ତଥ୍ୟ ମୁତାବକ ପ୍ରତି ବର୍ଷ ପୃଥିବୀରେ ଅନ୍ତତଃ ୧୦୦ ନିୟୁତଲୋକ ଲୋଡିଥାନ୍ତି ବାର୍ଦ୍ଧକ୍ୟଜନିତ ସେବା ଶୁଶ୍ରୁଷା ଯାହା ହସପିଟାଲ୍ ମାନଙ୍କରେ ନୁହେଁ, ବରଂ ସେମାନଙ୍କୁ ଯୋଗାଇ ଦିଆଯାଇପାରିବ ନିଜ ଘରେ । ତେବେ ମାତ୍ର ୮ ପ୍ରତିଶତଙ୍କ ଭାଗ୍ୟରେ ସେତକ ଜୁଟିଥାଏ । ଅବଶିଷ୍ଟ ବାର୍ଦ୍ଧକ୍ୟ ଏବଂ ରୋଗ ପାଇଁ ଯେତିକି କଷ୍ଟ ପାନ୍ତି, ସେତିକି ଯନ୍ତ୍ରଣା ପାଆନ୍ତି ପ୍ରିୟ ପରିଜନଙ୍କ ଅବହେଳାରୁ । କହିପାରନ୍ତି ଅଯତ୍ନରୁ । ଅଧ୍ୟୟନରୁ ଏକଥା ବି ଜଣାପଡିଛି ଯେ ଜଣେ ଦୀର୍ଘଜୀବୀ ହେବା ସହିତ ତାର ଗୁଣାତ୍ମକ ଅନ୍ତିମ ଜୀବନଯାପନ ଏବଂ ମୃତ୍ୟୁ ଆଦୌ ଆନୁପାତିକ ନୁହେଁ । ପଇସା ଖର୍ଚ୍ଚ କରି କେହି ହୁଏତ ସାମୟିକ ଭାବେ ଶାରୀରିକ ଯନ୍ତ୍ରଣାରୁ ନିଷ୍କୃତି ପାଇଯାଇପାରେ, ତେବେ ଜୀବନର ସାୟାହ୍ନରେ ତା ପରିବାର ପାଖରୁ ଜଣେ ଯେଉଁ ସହାନୁଭୂତି, ଯତ୍ନ ଏବଂ ସମ୍ବେଦନା ଆଶା କରିଥାଏ, ତାର ଉତ୍ସ ଢେର୍ ଶୁଖି ଆସିଲାଣି । ସେତିକି ନୁହେଁ, ଏ ବାବଦରେ ବିଭିନ୍ନ ଦେଶରେ ଗୋଷ୍ଠୀ ଉଦ୍ୟମରେ ଜାରି ରହିଥିବା ସେବାର ମାନ ବି କିଛି ଖାସ୍ ନୁହେଁ । ଏ କ୍ଷେତ୍ରରେ କାମ କରୁଥିବା ଦାତବ୍ୟ ସଂଗଠନ/ସ୍ୱେଚ୍ଛାସେବୀ ସଂସ୍ଥା ସହିତ ଅଧିକାଂଶ ଦେଶର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟନୀତି ବା ବ୍ୟବସ୍ଥାର ପ୍ରତ୍ୟକ୍ଷ ସଂପର୍କ ନାହିଁ । ଡେନ୍‌ମାର୍କ, ଇଟାଲି, ଫିନ୍‌ଲ୍ୟାଣ୍ଡ ଏବଂ ଦକ୍ଷିଣ କୋରିଆ ପରି ସମୃଦ୍ଧ ଅର୍ଥନୀତି ସେଇଥିପାଇଁ ତାଲିକାରେ ତଳେ ଅଛନ୍ତି । ସମସ୍ତେ ଜୀବନକୁ ହୁଏତ ଗୁରୁତ୍ୱ ଦେଉଛନ୍ତି, କିନ୍ତୁ ଏକ ମର୍ଯ୍ୟାଦାବନ୍ତ ମୃତ୍ୟୁ ପାଇଁ ଯେତିକି ଚିନ୍ତନ ଲୋଡା ସେତକ ନାହିଁ । ବରଂ ଜଣକ ସେବା ଅପେକ୍ଷା ତାର ମୃତ୍ୟୁକୁ ଯେମିତି ଅଗ୍ରାଧିକାର ଦିଆଯାଉଛି । ଆଉ କେହି ସମୟ ଦେବା ପାଇଁ ରାଜି ନୁହନ୍ତି, ତ୍ୟାଗ କରିବା ପାଇଁ ପ୍ରସ୍ତୁତ ନୁହନ୍ତି ।

ଏଣେ ଆକଳନ ହେଲାଣି ଯେ ୨୦୩୦ ମସିହା ଆଡକୁ ସାରା ପୃଥିବୀରେ ୬୫ ବର୍ଷ ଏବଂ ତଦୁର୍ଦ୍ଧ ବୟସ୍କ ମାନଙ୍କ ସଂଖ୍ୟା ଛୁଇଁବ ୧୦୦ କୋଟିକୁ । ଜନ୍ମହାର ଆଗକୁ ଆହୁରି କମିବ, ଲୋକେ ଆଗ ଅପେକ୍ଷା ଅଧିକ ଦିନ ବଞ୍ଚିବେ । ହାରାହାରି ଆୟୁ ବଢିବ, ଅର୍ଥାତ୍ ଅଦୂର ଭବିଷ୍ୟତରେ ଦିନେ ଆମର ସାମ୍ନା ହେବ ଗୋଟିଏ ପକ୍ୱ କେଶ ପିଢି ସହିତ । ଭାରତରେ ଏ ଅବସ୍ଥା ଆସିବ ଟିକିଏ ଡେରିରେ । ୨୦୪୫ ଆଡ଼କୁ। ବିଳମ୍ବର କାରଣ ହେଉଛି ଯେ ଆମ ଜନସଂଖ୍ୟାର ପାଖାପାଖି ୬୫ ପ୍ରତିଶତଙ୍କ ବୟସ ହେଉଛି ୩୫ ବର୍ଷ । ହାରାହାରି ବୟସ- ୩୦ । ତେବେ ଆମର ସ୍ଥିତି ସବୁଠୁ

ଖରାପ ଅନ୍ୟ ମାନଙ୍କ ତୁଳନାରେ । କେବଳ କେରଳ ହିଁ ଆମ ଦେଶରେ ଏ ଦୃଷ୍ଟିରୁ ଏକ ଉଜ୍ଜ୍ୱଳ ମଧୁର ବ୍ୟତିକ୍ରମ । ଅବଶିଷ୍ଟ ରାଜ୍ୟ ମାନଙ୍କରେ ପରିଣତ ବୟସରେ ସେବା ଯତ୍ନ ମାତ୍ର ୧ ପ୍ରତିଶତଙ୍କୁ ମିଳୁଥିବା ସ୍ଥଳେ କେରଳରେ ଏହା ମିଳେ ୭୦ ପ୍ରତିଶତଙ୍କୁ । ଏହା ସମ୍ଭବତଃ ଏକମାତ୍ର ରାଜ୍ୟ ଯେଉଁଠି ଗୋଷ୍ଠୀ ଉଦ୍ୟମରେ ଚାଲିଥିବା (ପରିଣତ ବୟସ୍କ ମାନଙ୍କର) ସେବାଯତ୍ନକୁ ସରକାର କେବଳ ଆର୍ଥିକ ସହାୟତା ଯୋଗେଇ ଦେଉନାହାନ୍ତି, ଏ ବାବଦରେ ନିର୍ଦ୍ଦିଷ୍ଟ ନୀତି ମଧ୍ୟ ପ୍ରଣୟନ କରିଛନ୍ତି । ୨୦୦୧ରୁ କେରଳରେ ସକ୍ରିୟ ରହିଛି 'ନେବରହୁଡ୍ ନେଟ୍‌ୱାର୍କ ଇନ୍ ପାଲିଏଟିଭ୍ କେୟାର' ପ୍ରକଳ୍ପ । ଏହାର ରହିଛି ୨୦୦ରୁ ଅଧିକ ଶାଖା ସାରା ରାଜ୍ୟରେ । ପ୍ରକଳ୍ପର ସ୍ୱେଚ୍ଛାସେବୀ ମାନେ ଡାକ୍ତର ଅବଶ୍ୟ ନୁହଁନ୍ତି, କିନ୍ତୁ ଜୀବନର ଶେଷ ଯାତ୍ରାରେ ବାହାରିଥିବା ମଣିଷ ପାଇଁ, ତା କଷ୍ଟକୁ ଲାଘବ କରିବା ପାଇଁ ଚିକିତ୍ସା ଯେତିକି ଲୋଡା, ସେତିକି ଲୋଡା ସାମାଜିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ସ୍ତରରେ ତା ସହିତ ଏକାତ୍ମ ହେବାର । ଆଉ କେରଳର ସ୍ୱେଚ୍ଛାସେବୀ ମାନେ ସମୟ ବାହାର କରି ତାହା ହିଁ କରୁଛନ୍ତି । 'ଇକନୋମିଷ୍ଟ' କେରଳକୁ ଏଇ ଦୃଷ୍ଟିରୁ ବିରଳ ବୋଲି ସ୍ପଷ୍ଟ କରିଛି ଏବଂ ଏ କଥା କହିଛି ଯେ ଏହାର ସଫଳତା ପଛରେ ରହିଛି ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ।

ଅଧ୍ୟୟନରୁ ଜଣାପଡିଛି ଯେ ବ୍ରାଜିଲ୍, ଭାରତ, ଚୀନ୍, ଇଟାଲି ଏବଂ ମେକ୍ସିକୋ ପରି ଦେଶ ମାନଙ୍କରେ ମୃତ୍ୟୁ ବାବଦରେ ସଚେତନତାର ସ୍ତର ମଧ୍ୟ ନିମ୍ନରେ । ମୃତ୍ୟୁକୁ ଆଧାର କରିଥିବା ଶାସ୍ତ୍ରଜ୍ଞାନ, ତତ୍ତ୍ୱ କଥା ନିଆରା, ମୃତ୍ୟୁ ପୂର୍ବରୁ ବାସ୍ତବିକତା ଏବଂ ମୃତ୍ୟୁକୁ ବୁଝିବା ନିଆରା । ମୃତ୍ୟୁକୁ ନେଇ ଭାରତୀୟ ଦର୍ଶନ ବେଶ୍ ରହସ୍ୟମୟ । ବେଶ୍ ଜଟିଳ ବି । ତେବେ ମନସ୍ତତ୍ତ୍ୱବିତ୍ ମାନଙ୍କ ମତ ଯେ ଜନ୍ମ, ମୃତ୍ୟୁ, ପୂର୍ବଜନ୍ମ ଏବଂ ପୁନର୍ଜନ୍ମ ନେଇ ଆମର ତଥାକଥିତ ବିପୁଳ ଶାସ୍ତ୍ରଜ୍ଞାନ ଏବଂ ପ୍ରବଚନ ସତ୍ତ୍ୱେ ପରିଣତ ବୟସରେ ମୃତ୍ୟୁକୁ ନେଇ ଆମର ବ୍ୟାବହାରିକ ଆଭିମୁଖ୍ୟକୁ ପ୍ରଗତିଶୀଳ ବୋଲି କୁହାଯାଇପାରିବ ନାହିଁ । ଅଧିକାଂଶ କ୍ଷେତ୍ରରେ ପୀଡିତ ଆତ୍ମୀୟଙ୍କ ଠାରୁ ଆମେ ମୁକ୍ତି ଚାହିଁଥାଉ । ସେଇଥିପାଇଁ ଅନ୍ତିମ ଅବସ୍ଥାରେ ବୟସ୍କଙ୍କ ସେବା ଅପେକ୍ଷା ଆମ ଚଳଣିରେ ଅଧିକ ଗୁରୁତ୍ୱ ଦିଆଯାଏ ଗଙ୍ଗାଜଳକୁ । ରୋଗୀର ଶେଷ ଜୀବନକୁ ଏବଂ ସେଇ କ୍ରମରେ ତାର ମର୍ଯ୍ୟାଦାବନ୍ତ ମୃତ୍ୟୁକୁ ଟିକିଏ ସହଜ କରିବା ପାଇଁ ଚେଷ୍ଟାନକରି ଆମେ ଅତ୍ୟନ୍ତ ଅବାସ୍ତବ ଭାବରେ ତା ମୃତ୍ୟୁ ପରର ଜୀବନ, ଏକ ଅପ୍ରମାଣିତ ମୋକ୍ଷକୁ ନେଇ ବ୍ୟସ୍ତରହୁ । ସେଥିପାଇଁ ତା ମୁଣ୍ଡ ପାଖରେ ଗଙ୍ଗାଜଳ ରଖିଥାଉ । ରୋଗୀକୁ ଆମେ ଭାଗବତ ଶୁଣେଉ, ସେ ବଞ୍ଚି ଥାଉ ତାଉ ତା ପାଇଁ ଦାନ ଦକ୍ଷିଣା ବି ଦେଇ ଥାଉ ।

ଅଧିକ ଦିନ ଶଯ୍ୟାଶାୟୀ ହୋଇ ପଡୁଥିବା ଆତ୍ମୀୟକୁ ପାପୀ ବୋଲି ଧରି ନେଇ ସିଏ ତା କର୍ମଫଳ ଭୋଗୁଛି ବୋଲି କହୁ । ପରୋକ୍ଷରେ ଏହା ହିଂସା । ଆଗକୁ ୟୁଥାନାସିଆକୁ ଆମ ଦେଶରେ ଆଇନଗତ ମାନ୍ୟତା ମିଳିପାରେ। ତଥାପି ୟୁଥାନାସିଆ ଆମ ଦାୟିତ୍ୱହୀନତାର ବିକଳ୍ପ ହୋଇପାରିବ ନାହିଁ ।

କେଇ ଦିନ ତଳେ ବୋଉକୁ ୮୨ ବର୍ଷ ପୂରିଲା । ସେଦିନ ମୁଁ ଘରେ ଥିଲି । ବୋଉକୁ କହିଲି- 'ବୋଉଲୋ, ୮୨ ବର୍ଷରେ ଜାତକରେ ତୋର ଯୋଉ ଘାଟୀ ଥିଲା ବୋଲି ତୁ କହୁଥିଲୁ, ସେଇଟା କଟିଗଲାଣି । ଆଜି ତୋ ଜନ୍ମଦିନ । ସନ୍ଧ୍ୟାରେ ସତ୍ୟ ନାରାୟଣ ପୂଜା କରିବା ।' ବୋଉ ହସିଲା । ମିଲି ଆଉ ମାଉଁ ବୋଉକୁ ହ୍ୱିଲ୍ ଚେୟାରରେ ବସେଇଲେ । ମାଉଁ କହିଲା- ମାମା କେକ୍ କାଟିବା ଚାଲ !

●

(ସମ୍ବାଦ: ୩୧/୩/୨୦୧୧)

(ବୋଉ ୩୧.୧.୨୦୧୨ରେ ଚାଲିଗଲା)